# NATIONAL NEWS BULLETIN (ODIA)

## 19 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ପ୍ରଶ୍ନପତ୍ର ଯାଞ୍ଚକୁ ଅଧିକ ସୁଦୃଢ଼ କରିବା ପାଇଁ ଏନ୍.ଟି.ଏ. ପକ୍ଷରୁ ଗ୍ରହଣ କରାଯିବ ୪ ସ୍ତରୀୟ ତଦାରଖ ବ୍ୟବସ୍ଥା ।
- ଅନିୟମିତତା ଅଭିଯୋଗ ନେଇ ବାତିଲ ହୋଇଥିବା ୪୪ଟି ନିଯୁକ୍ତି ପରୀକ୍ଷାର ତାଲିକା ପ୍ରକାଶ କଲେ ଝାଡ଼ଖଣ୍ଡ ସରକାର ।
- ତାମିଲନାଡୁକୁ ଆଜିଠାରୁ ୨ ଦିନିଆ ଗସ୍ତରେ ଯିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦେଶ ବ୍ୟାପି ଘରୋଇ ପି.ଏନ୍.ଜି. ସଂଯୋଗକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେବ ପ୍ରୋତ୍ସାହନ ମୂଳକ ଯୋଜନା ।

ଏବଂ

- ଶ୍ରୀଲଙ୍କା ବିପକ୍ଷରେ ଗାଲେ ଟେଷ୍ଟ ବିଜୟ ପାଇଁ ଭାରତ ଆବଶ୍ୟକ କରୁଛି ୬ଟି ଓ୍ୱିକେଟ୍ ।

# ଏନ୍‌ଟିଏ-ରିଭାମ୍ପ

ପରୀକ୍ଷା ପରିଚାଳନାକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. କେତେକ ପଦକ୍ଷେପ ଗ୍ରହଣ କରିଛି । ପରୀକ୍ଷା ଦଳକୁ ପୁନର୍ଗଠନ କରିଛି । ୬୦୦ ବିଶେଷଜ୍ଞଙ୍କ ବଦଳରେ ନୂତନ ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶିକ୍ଷା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ପରୀକ୍ଷା ପ୍ରଶ୍ନପତ୍ର ଯାଞ୍ଚକୁ ଅଧିକ ସୁଦୃଢ଼ କରିବା ପାଇଁ ଏନ୍.ଟି.ଏ. ପକ୍ଷରୁ ଏକ ଚାରି ସ୍ତରୀୟ ତଦାରଖ ବ୍ୟବସ୍ଥା  ସ୍ଥାପନ କରାଯିବ । ଆଗାମୀ ୨ରୁ ୩ ସପ୍ତାହ ମଧ୍ୟରେ ୨୦ରୁ ୨୫ ଜଣ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଏନ୍.ଟି.ଏ. ପଦକ୍ଷେପ ଗ୍ରହଣ କରୁଛି । ସି.ଆଇ.ଏସ୍.ଏଫ୍. ସୁରକ୍ଷା ବ୍ୟବସ୍ଥା ସହିତ ଏନ୍.ଟି.ଏ. କାର୍ଯ୍ୟାଳୟଗୁଡ଼ିକୁ ନୂତନ ପରିସରକୁ ସ୍ଥାନାନ୍ତରିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରୀକ୍ଷା ସୁଗମ ପରିଚାଳନା ପାଇଁ ସମସ୍ତ ଆବଶ୍ୟକୀୟ ସୁରକ୍ଷିତ ଭିତ୍ତିଭୂମି ବ୍ୟବସ୍ଥା ସ୍ଥାପନ କରିବାକୁ ଶିକ୍ଷା ମନ୍ତ୍ରୀ ପ୍ରହଲାଦ ଯୋଶୀଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଏନ୍.ଟି.ଏ. ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଝାଡ଼ଖଣ୍ଡ-ଏକ୍ସାମ୍

ଅନିୟମିତତା ଅଭିଯୋଗ ନେଇ ବାତିଲ ହୋଇଥିବା ୪୪ଟି ନିଯୁକ୍ତି ପରୀକ୍ଷାର ତାଲିକା ଗତକାଲି ଝାଡ଼ଖଣ୍ଡ ରାଜ୍ୟ ସରକାର ପ୍ରକାଶ କରିଛନ୍ତି । ୮ଟି ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ ଏହି ତାଲିକା ସମ୍ପର୍କରେ ସୂଚନା ଦେଇ ସରକାର କହିଛନ୍ତି, ୨୦୧୪ ମସିହାରୁ ଝାଡ଼ଖଣ୍ଡ ଲୋକସେବା ଆୟୋଗ ଏବଂ ପି.ଡି.ପି.ଏଲ୍. ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକ ଅନ୍ତର୍ଭୁକ୍ତ । ଏହି ପରୀକ୍ଷାଗୁଡ଼ିକ ମାଧ୍ୟମରେ ଡ୍ରଗ୍ସ ଇନ୍‌ସପେକ୍ଟର, ସହକାରୀ ପ୍ରଫେସର, ଡେପୁଟି କଲେକ୍ଟର, ଦନ୍ତ ଚିକିତ୍ସକ, ସହକାରୀ ଇଞ୍ଜିନିୟର୍, ସିଭିଲ୍ ଜଜ୍, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର, ବନାଞ୍ଚଳ ରେଞ୍ଜ ଅଧିକାରୀ ଆଦି ପଦବୀ ପୂରଣ କରାଯାଇଥିଲା । ଜେ.ପି.ଏସ୍.ସି. ଏବଂ ଜେ.ଏସ୍.ଏସ୍.ସି.ରେ ଏକ ଆଭ୍ୟନ୍ତରୀଣ ତଦନ୍ତ ସେଲ୍ ଗଠନ କରିବାକୁ ନିଷ୍ପତ୍ତି ହୋଇଛି । ଏହା ମାଧ୍ୟମରେ ଅନୁଷ୍ଠିତ ପରୀକ୍ଷାଗୁଡ଼ିକର ଅନିୟମିତତା ସମ୍ବନ୍ଧୀୟ ମାମଲା ଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ଫାଷ୍ଟ୍‌ଟ୍ରାକ୍ କୋର୍ଟ୍ ଗଠନ ନେଇ ଝାଡ଼ଖଣ୍ଡ ହାଇକୋର୍ଟ୍‌କୁ ଅନୁରୋଧ କରାଯିବ ବୋଲି ସରକାର ସୂଚନା ଦେଇଛନ୍ତି । ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଅମିତାଭ କୌଶଲଙ୍କ ଅଧ୍ୟକ୍ଷତାରେ ଏକ ସଂସ୍କାର କମିଟି ଗଠନ କରାଯାଇଛି । ଦୁଇ ମାସ ମଧ୍ୟରେ ଏହି କମିଟି ତାର ରିପୋର୍ଟ୍ ସରକାରଙ୍କୁ ପ୍ରଦାନ କରିବ । ସୂଚନା ଯୋଗ୍ୟ ଗତ

ସୋମବାର କ୍ୟାବିନେଟ୍ ବୈଠକରେ ଏହି ପରୀକ୍ଷା ବାତିଲ ସଂକ୍ରାନ୍ତ ନିଷ୍ପତ୍ତିକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ।

## ଅମିତ ଶାହା-ଟିଏନ୍ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇ ଦିନିଆ ତାମିଲନାଡୁ ଗସ୍ତରେ ଯିବେ । ଶ୍ରୀ ଶାହା ସନ୍ଧ୍ୟାରେ ଚେନ୍ନାଇଠାରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଚେନ୍ନାଇ ନିକଟସ୍ଥ କୋଭାଲମ୍‌ଠାରେ ଆସନ୍ତାକାଲି ଶ୍ରୀ ଶାହା ଦକ୍ଷିଣ ଭାରତ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଯୋଗଦେବେ । ଏଥିରେ ତାମିଲନାଡୁ, କେରଳମ୍, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବେ ।

## ଗୋୟଲ-ଜାପାନ

ଭାରତ-ଜାପାନ ବର୍ଦ୍ଧିତ ସହଭାଗିତା ଏବଂ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କ ଉପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତରେ ନିବେଶ ତଥା ସହଭାଗିତାକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ  ଜାପାନୀ ବ୍ୟବସାୟୀ ଗୋଷ୍ଠୀଙ୍କୁ ମନ୍ତ୍ରୀ ଶ୍ରୀ ଗୋୟଲ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଜାପାନୀ ପ୍ରତିନିଧି ମଣ୍ଡଳୀଙ୍କୁ ସମ୍ବୋଧନ କରି

ଶ୍ରୀ ଗୋୟଲ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ ଗତ ଆର୍ଥିକ ବର୍ଷରେ ୨୭ ଦଶମିକ୍ ୫ ବିଲିୟନ୍ ଡଲାର୍‌ରେ ପହଞ୍ଚିଥିଲା । ଏପରିକି ଭାରତରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ କ୍ଷେତ୍ରରେ ଜାପାନ ପଞ୍ଚମ ବୃହତ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ।

ମୁମ୍ବାଇ-ଅହମ୍ମଦାବାଦ ଅତ୍ୟନ୍ତ ଦ୍ରୁତଗାମୀ ରେଳ ପ୍ରକଳ୍ପ, ଦିଲ୍ଲୀ, ଅହମ୍ମଦାବାଦ, ବେଙ୍ଗାଲୁରୁ ଏବଂ ଚେନ୍ନାଇରେ ଜାପାନ୍ ସହାୟତାରେ ମେଟ୍ରୋ ବ୍ୟବସ୍ଥା ଏବଂ ୮ଟି ରାଜ୍ୟରେ ଥିବା ୧୧ଟି ଜାପାନ ଶିଳ୍ପ ଟାଉନ୍‌ସିପ୍ ଦ୍ୱିପାକ୍ଷିକ ସମ୍ପର୍କର ଦୃଢ଼ତାକୁ ପ୍ରତିଫଳନ କରୁଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ଜାପାନର ୟାମାନାସି ପ୍ରଦେଶରୁ ଏହି ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି ।

## ଇଣ୍ଡିଆ-ରେଟିଂ

ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ ସଂସ୍ଥା ଚଳିତ ଆର୍ଥିକ ବର୍ଷ ଦେଶର ଜି.ଡି.ପି. ଅଭିବୃଦ୍ଧି ୬ ଦଶମିକ୍ ୮ ପ୍ରତିଶତ ରହିବ ବୋଲି ଆକଳନ କରିଛି । ଗତ ମେ ମାସରେ ୬ ଦଶମିକ୍ ୭ ପ୍ରତିଶତ କରିବ ବୋଲି ଆକଳନ କରାଯାଇଥିଲା । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଥିରେ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଛି । ଅନ୍ୟ ପକ୍ଷରେ ଏହି ସଂସ୍ଥା କହିଛି, ଏଲ୍‌ନିନୋ ପ୍ରଭାବରେ ଅଭିବୃଦ୍ଧି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି

ହେବାର ସମ୍ଭାବନା ରହିଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଚଳିତ ଆର୍ଥିକ ବର୍ଷ ପାଇଁ ଆକଳନ କରିଥିବା ୭ ଦଶମିକ୍ ୬ ପ୍ରତିଶତର ଅଭିବୃଦ୍ଧିଠାରୁ ଏହା ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ଏହି ମୂଲ୍ୟାଙ୍କନ ସଂସ୍ଥା ସତର୍କ କରାଇଛି । ଏଲ୍‌ନିନୋ ପ୍ରଭାବ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ଖୁଚୁରା ମୂଲ୍ୟ କ୍ଷେତ୍ରରେ ଆହ୍ୱାନ ସୃଷ୍ଟି ହୋଇପାରେ ବୋଲି ଏହି ସଂସ୍ଥା ଆକଳନ କରିଛି ।

## ଗଭ୍-ପିଏନ୍‌ଜି ସ୍କିମ୍

ଦେଶ ବ୍ୟାପି ଘରୋଇ ପି.ଏନ୍.ଜି. ସଂଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାର ଏକ ପ୍ରୋତ୍ସାହନ ମୂଳକ ଯୋଜନାକୁ ଅନୁମୋଦନ ପ୍ରଦାନ କରିଛନ୍ତି । ସ୍ୱଚ୍ଛ, ନିରାପଦ ଏବଂ ସୁଲଭ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଣକୁ ଏହା ଅଧିକ ବ୍ୟବସ୍ଥିତ କରିବ ବୋଲି ଆଶା କରାଯାଉଛି । ଏହି ଯୋଜନା ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି । ଯୋଜନା ଅଧୀନରେ ସହରାଞ୍ଚଳ ଗ୍ୟାସ୍ ବିତରଣ କମ୍ପାନୀଗୁଡ଼ିକୁ ପି.ଏନ୍.ଜି. ନେଟ୍‌ୱାର୍କକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ପ୍ରୋତ୍ସାହନ ପ୍ରଦାନ କରାଯିବ । ୬ ମାସ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି

ଯୋଜନାକୁ କାର୍ଯ୍ୟକାରୀ କରାଯିବ । ଏହି ଯୋଜନା ଅଧୀନରେ ସହରାଞ୍ଚଳ ଗ୍ୟାସ୍ ବିତରଣ ସଂସ୍ଥାଗୁଡ଼ିକ ତରଳ ପ୍ରାକୃତିକ ଗ୍ୟାସ୍ କ୍ରୟ କରିବାକୁ ପ୍ରୋତ୍ସାହିତ ହେବେ । ଏହାଦ୍ୱାରା ସାମଗ୍ରୀକ ଭାବେ ଗ୍ୟାସ୍ ବିତରଣ ପରିଚାଳନା ଖର୍ଚ୍ଚ ହ୍ରାସ ପାଇବ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସମଗ୍ର ଦେଶରେ ଏବେ ୧ କୋଟି ୭୪ ଲକ୍ଷ ଘରୋଇ ପି.ଏନ୍.ଜି. ସଂଯୋଗ ରହିଛି । ଏହି ଯୋଜନା ଅଧୀନରେ ଏହାକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ବନ୍ୟା-ପାଣିପାଗ

ଝାଡ଼ଖଣ୍ଡ ଓ ତତ୍‌ସଂଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ସକ୍ରିୟ ଅବପାତ ଝାଡ଼ଖଣ୍ଡ ଓ ବିହାର ମଧ୍ୟଦେଇ ଗତି କରିବା ସହ ଏକ ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲା ବହଳଦାଠାରେ ସର୍ବାଧିକ ୨୭୩ ମିଲିମିଟର ବର୍ଷା ରେକର୍ଡ଼ ହୋଇଥିଲା ।

ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଉପକୂଳ ଓଡ଼ିଶାରେ ବିଭିନ୍ନ ନଦୀରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ବାଲେଶ୍ୱର,

ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୧ ହଜାର ୩୮୦ରୁ ଊର୍ଦ୍ଧ୍ୱ ଗ୍ରାମର ୯ ଲକ୍ଷ ୪୦ ହଜାର ଲୋକ ପ୍ରଭାବିତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟାସ୍ଥିତିର ସମୀକ୍ଷା କରି ପ୍ରାରମ୍ଭିକ ଆକଳନ ଅନୁସାରେ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ୩ ଲକ୍ଷ ୭୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି ।

## ଇଣ୍ଡିଆ-ସିଙ୍ଗାପୁର ରାଉଣ୍ଡଟେବୁଲ୍

ଭାରତ-ସିଙ୍ଗାପୁର ମନ୍ତ୍ରୀ ସ୍ତରୀୟ ଚତୁର୍ଥ ପର୍ଯ୍ୟାୟ ଗୋଲ୍‌ଟେବୁଲ୍ ବୈଠକ ଆସନ୍ତାକାଲି ସିଙ୍ଗାପୁରଠାରେ ଅନୁଷ୍ଠିତ ହେବ । ଭାରତ ପକ୍ଷରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ପ୍ରମୁଖ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଗସ୍ତ ଅବସରରେ ଏହି ପ୍ରତିନିଧି ମଣ୍ଡଳୀ ସେମାନଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା ଏବଂ ସିଙ୍ଗାପୁରର ଶୀର୍ଷ ନେତୃତ୍ୱଙ୍କ ସହିତ

ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ନୂତନ ତଥା ଉଦୀୟମାନ କ୍ଷେତ୍ରରେ ସହଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ।

୨୦୨୨ ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀଠାରେ ପ୍ରଥମ ଦ୍ୱିପାକ୍ଷିକ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୪ ଅଗଷ୍ଟରେ ସିଙ୍ଗାପୁରରେ ଦ୍ୱିତୀୟ ଏବଂ ୨୦୨୫ ଅଗଷ୍ଟ ମାସରେ ନୂଆଦିଲ୍ଲୀ ଠାରେ ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଗୁଡ଼ିକରେ ଉତ୍ପାଦନ ବୃଦ୍ଧି, ଯୋଗାଯୋଗ, ଡିଜିଟାଲାଇଜେସନ୍, ସ୍ୱାସ୍ଥ୍ୟସେବା ଏବଂ ଔଷଧ, ଦକ୍ଷତା ବିକାଶ ଓ ନିରନ୍ତରତା ଉପରେ ବ୍ୟାପକ ସହଭାଗିତା ନେଇ ମତବିନିମୟ ହୋଇଛି । ଚତୁର୍ଥ ବୈଠକ ଅବସରରେ ଦୁଇ ଦେଶର ସହଯୋଗରେ ଚାଲିଥିବା ବିଭିନ୍ନ ପଦକ୍ଷେପର ଅଗ୍ରଗତି ନେଇ ସମୀକ୍ଷା କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଟେଷ୍ଟ

ଗାଲେ ଟେଷ୍ଟରେ ବିଜୟ ପାଇଁ ଭାରତ ଆଉ ୬ ୱିକେଟ୍ ଆବଶ୍ୟକ କରୁଛି । ଅନ୍ୟ ପକ୍ଷରେ ମ୍ୟାଚ୍‌କୁ ଜିତିବା ପାଇଁ ଶ୍ରୀଲଙ୍କା ୨୮୮ ରନ୍ ଆବଶ୍ୟକ କରୁଛି । ଆଜିର ପଞ୍ଚମ ଦିନର ଖେଳ ଶ୍ରୀଲଙ୍କା ତାର ଦ୍ୱିତୀୟ ଇନିଂସର ଗତକାଲିର ସ୍କୋର ୪ ୱିକେଟ୍‌ରେ ୮୪ରନ୍‌ରୁ ଆରମ୍ଭ କରିବ । ଦ୍ୱିତୀୟ ଇନିଂସରେ ଭାରତ-ଶ୍ରୀଲଙ୍କା ସମ୍ମୁଖରେ ୩୭୨ରନ୍‌ର ଲକ୍ଷ୍ୟ

ଧାର୍ଯ୍ୟ କରିଛି । ପ୍ରଥମ ଇନିଂସରେ ଭାରତ ୪୬୨ରନ୍ ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୯୩ରନ୍ ସଂଗ୍ରହ କରିଥିଲା ।

## ଡୁରାଣ୍ଡକପ୍

ଡୁରାଣ୍ଡକପ୍ ଫୁଟବଲ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଆଜି ଇଷ୍ଟବେଙ୍ଗଲ ଏଫ୍.ସି. ଏବଂ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀ ମଧ୍ୟରେ ଖେଳାଯିବ । କୋଲକାତାର  ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଇଷ୍ଟ ବେଙ୍ଗଲ ଦଳ ଏ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ରେ ୧୪ଟି ଗୋଲ ସ୍କୋର କରିଥିବା ବେଳେ ଏସ୍.ସି. ଦିଲ୍ଲୀ ୪ଟି ମ୍ୟାଚ୍‌ରୁ ୨୧ଟି ଗୋଲ୍ ସ୍କୋର କରି ଦୃଢ଼ ସ୍ଥିତିରେ ରହିଛି ।

## ବ୍ୟାଡ୍‌ମିଣ୍ଟନ୍

ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ଭାରତୀୟ ଖେଳାଳି ଗତକାଲିର ମ୍ୟାଚ୍‌ରେ ସେମାନଙ୍କ ପ୍ରତିପକ୍ଷଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ ଅଷ୍ଟ୍ରିୟାର ପ୍ରତିପକ୍ଷଙ୍କୁ ପରାସ୍ତ କରିଛନ୍ତି । ଭାରତୀୟ ମହିଳା ଯୋଡ଼ି ତ୍ରିଶା ଯୋଲି ଏବଂ ଗାୟତ୍ରୀ

ଗୋପୀଚାନ୍ଦ ଗତକାଲିର ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ମହିଳା ଏକକ ବର୍ଗରେ ଉନ୍ନତି ହୁଦା ମ୍ୟାଁମାର୍ ପ୍ରତିଯୋଗୀଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି ।